# କାଠ ଚାଲାଣ ବେଳେ ୨ ଗିରଫ

**ବୈପାରୀଗୁଡ଼ା,୧୬ା୧(ଡି.ଏନ୍.ଏ.)**

ବୈପାରୀଗୁଡ଼ା ବନ ବିଭାଗ ପକ୍ଷରୁ ଗୁରୁବାର କାଠ ଚୋରା ଚାଲାଣରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ କୁନ୍ଦୁରା ବ୍ଲକ ହାଟଖୁଣ୍ଟୁପି ଗ୍ରାମର ଭାସ୍କର ହରିଜନ (୩୨) ଓ ବୈପାରୀଗୁଡ଼ା ବ୍ଲକ କାଠପଡା ପଞ୍ଚାୟତ କର୍ଲାପଦର ଗ୍ରାମର ଭକ୍ତ ହରିଜନ (୨୫) । ଏ ସଂପର୍କରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଦିବ୍ୟା ମାଧୁରୀ ସେଠୀ ସୂଚନା ଦେଇ କହିଛନ୍ତି ବୁଧବାର ସନ୍ଧ୍ୟାରେ କୌଣସି ସୂତ୍ରରୁ ଖବର ପାଇ ମୁଣ୍ଡାଗୁଡ଼ାରେ କାଠ ଚୋରା ଚାଲାଣକାରୀଙ୍କ ଉପରେ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ ୮ଟି ଶାଳ ସାଇଜ୍ କାଠ ଜବତ କରାଯାଇଥିଲା । ସେମାନେ ଏକ ହିରୋହୋଣ୍ଡା ବାଇକ (ଓଆଇ୧୫ ବି ୬୨୨୪) ଯୋଗେ କେନ୍ଦୁପୁଟ ଜଙ୍ଗଲରୁ ଏସବୁ କାଠକୁ ହାଟ ଖୁଣ୍ଟୁପିକୁ ସ୍ଥାନାନ୍ତର କରୁଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବଦିନ ବନ ବିଭାଗ ପକ୍ଷରୁ କୋଲାର ପଞ୍ଚାୟତ ରାମପୁରଠାରେ ୩ଟି ସାଇକେଲ୍ ସହ ୨୧ଟି ସାଇଜ୍ କାଠ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଚଢାଉ ଟିମ୍‌ର ନେତୃତ୍ୱ ବନାଞ୍ଚଳ ଅଧିକାରୀ ନେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ରେଞ୍ଜର ରମେଶ ରାଉତ, ଫରେଷ୍ଟର ସଚ୍ଚିଦାନନ୍ଦ ପରିଡ଼ା, ବିକାଶ ପାତ୍ର, ରଘୁନାଥ ସୁଆର, ଗାର୍ଡ ମନୋଜ ମହାପାତ୍ର, ଦଣ୍ଡପାଣି ସୁବୁଦ୍ଧି ସାମିଲ ଥିଲେ।



ଜବତ ହୋଇଥିବା କାଠ ।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**କୋରାପୁଟ/ସେମିଳିଗୁଡ଼ା,୧୬ା୧(ସ୍ୱ.ପ୍ର.)**

କୋରାପୁଟ ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ଼ ମୁଜଙ୍ଗ ପଞ୍ଚାୟତ ଛକ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଗୁରୁବାର ଏକ ବାଇକ ଦୁର୍ଘଟଣା ଘଟିଛି। ଏଥିରେ ପୋଡ଼ାଗଡ଼ ପଞ୍ଚାୟତ ନାରଙ୍ଗା ଗ୍ରାମର ମୋହନ ନାୟକଙ୍କ ପୁଅ ଜଗବନ୍ଧୁ ନାୟକ (୨୫)ଙ୍କ ମୃତ୍ୟୁ ହୋଇଛି। ଏ. ମାଲକାନଗିରି ପଞ୍ଚାୟତ କର୍ତାଶ ଗ୍ରାମର ଭୀମ ଭୋଇ (୩୨) ଆହତ ହୋଇଛନ୍ତି। ସୂଚନାରୁ ଜଣାପଡିଛି ଯେ, ଜଗବନ୍ଧୁ ନାୟକ ଓ ଭୀମ ଭୋଇ ପୋଡ଼ାଗଡରୁ ଏକ ହୀରୋ ବାଇକ (ଓଡି୧୦ ୪୧୬୭)ରେ କୌଣସି କାର୍ଯ୍ୟ ପାଇଁ ଦାମନଯୋଡ଼ି ଯାଉଥିଲେ। ଉତ୍କଳ ଗ୍ରାମ୍ୟବ୍ୟାଙ୍କ ମୁଜାଙ୍ଗ ରାସ୍ତା ସମ୍ମୁଖରେ ବାଇକ ଦ୍ରୁତଗତିରେ ଯାଉଥିବା ବେଳେ ହଠାତ୍‌ସରେ ନିୟନ୍ତ୍ରଣ ହରାଇ ବାଇକ ପିଟି ହୋଇଥିଲା। ଏଥିରେ ଜଗବନ୍ଧୁ ଓ ଭୀମ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜଗବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ଆହତ ଭୀମଙ୍କୁ ପୋଡ଼ାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।







# ନାବାଳିକାଙ୍କୁ ଅପହରଣ କରି ଯୁବକ ଗିରଫ

**କୋରାପୁଟ,୧୬ା୧(ସ୍ୱ.ପ୍ର)**

କୋରାପୁଟ ସହରର ଜଣେ ନାବାଳିକାଙ୍କୁ ଅପହରଣ କରିବା ଘଟଣାରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଅନିଲ ଖିଲ(୨୨) । ଗତ ଡ଼ିସେମ୍ବର ୨ ତାରିଖରେ ଅନିଲ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ । ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ବଦଳିଗୁଡ଼ା ଅଞ୍ଚଳରୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆ ପ୍ରକାଶ କରିଛନ୍ତି ।

# ଏବିଇଓଙ୍କ ପତ୍ରରେ ତ୍ରୁଟି

**ଜୟପୁର, ୧୬ା୧(ଡି.ଏନ.ଏ)–**

ଶିକ୍ଷକରୁ ଶିକ୍ଷା ବିଭାଗର ଅଧିକାରୀ । କିନ୍ତୁ ଓଡିଆରେ ୮ ଧାଡି ପତ୍ର ଲିଖନରେ ତାଙ୍କର ୬ଟି ଶବ୍ଦର ତ୍ରୁଟି ରହିଛି। ଆବେଦନ ବଦଳରେ ଆବେଧନ, ଫର୍ମାଟ ବଦଳରେ ପାର୍ମାଟ, ଶିକ୍ଷୟିତ୍ରୀ ବଦଳରେ ଶିକ୍ଷତ୍ରୀ ଆଦି ତ୍ରୁଟି ରହିଛି । ଧୀରେ ଧୀରେ ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି । କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଶିକ୍ଷାଧିକାରୀଙ୍କୁ ଜୟପୁର ସହରର ସୂଚନାଆଇନ କର୍ମୀ ବିପିନ ମହାପାତ୍ର କିଛି ସୂଚନା ମାଗିଥିଲେ । ଏଥିନେଇ ଗତ ଜାନୁୟାରୀ ୯ ତାରିଖରେ ଆବେଦନକାରୀଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେବାକୁ ଯାଇ ଏବିଇଓ ଓଡିଆ ଭାଷାରେ ଏକ ପତ୍ର ଲେଖିଥିଲେ । ଯେଉଁଥିରେ ବ୍ୟାପକ ବନାନ ଭୁଲ ରହିଛି । ସମ୍ପୃକ୍ତ ଅଧିକାରୀ ଏହା ପୂର୍ବରୁ ଶିକ୍ଷକତା କରୁଥିଲେ । ତେଣୁ ଛାତ୍ରୀଛାତ୍ରଙ୍କୁ କିଭଳି ଭାବେ ଓଡିଶା ଶିକ୍ଷା ପ୍ରଦାନ କରିଥିବେ ଏଥିରୁ ସ୍ପଷ୍ଟ ଅନୁମେୟ ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ସଡ଼କ ସୁରକ୍ଷା ପାଇଁ ସଚେତନ କଲା ପୋଲିସ



ସେମିଳିଗୁଡ଼ା(ସ୍ୱ.ପ୍ର.)/ସୁନାବେଡ଼ା,୧୬।୧: କୋରାପୁଟ ଆଞ୍ଚଳିକ ପରିବହନ ଆନୁକୂଲ୍ୟରେ ସୁନାବେଡ଼ା ପୋଲିସ ପକ୍ଷରୁ ୩୧ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସୁନାବେଡ଼ାରୁ ବାହାରି ସେମିଳିଗୁଡ଼ା ନାଲକୋ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭିନ୍ନ ସ୍ଲୋଗାନ, ନାଚଗୀତ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଥିଲା। ସଡ଼କ ସୁରକ୍ଷା ନିୟମାବଳୀ ଉପରେ ଲିଫ୍‌ଲେଟ ବଣ୍ଟାଯାଇ ଗାଡ଼ି ଚାଳନା ବେଳେ ଟ୍ରାଫିକ୍ ନିୟମ ମାନିବା, ହେଲମେଟ ପିନ୍ଧିବା, ନିଶାଦ୍ରବ୍ୟ ନ ନେବା, ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ଓଭରଟେକ କରିବା ସମୟରେ ଆଗପଛ ପାର୍ଶ୍ୱ ଦେଖି ଗାଡ଼ି ଚଳାଇବା, ସିଟବେଲ୍ଟ ବାନ୍ଧିବା ପାଇଁ ସଚେତନତା ବାର୍ତ୍ତା ବାଣ୍ଟିଥିଲା ପୋଲିସ। ଏହି ସଚେତନତା ରାଲିରେ ସୁନାବେଡ଼ା ଆଇଆଇସି ସୁମିତ୍ରା ଜେନା, ଏସ୍ଆଇ ମୁକୁନ୍ଦ କୁମାର ମେଲକାଙ୍କ ସମେତ ସମସ୍ତ ଥାନା କର୍ମଚାରୀ, କୋରାପୁଟ ଆଞ୍ଚଳିକ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ପଟ୍ଟାଙ୍ଗୀରେ ସଡ଼କ ସୁରକ୍ଷା ସଚେତନତା



ପଟ୍ଟାଙ୍ଗି,୧୬।୧(ଡି.ଏନ୍.ଏ.): କୋରାପୁଟ ପରିବହନ ବିଭାଗର କର୍ମକର୍ତ୍ତା ତଥା ଓଡ଼ିଶା ସଡ଼କ ସୁରକ୍ଷା ସଂସ୍ଥା ପକ୍ଷରୁ ପଟ୍ଟାଙ୍ଗି ପୋଲିସ ସହଯୋଗରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରୁଛନ୍ତି। ଏହି କ୍ରମରେ ଗୁରୁବାର କେତେକ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଛୋଟିଆ ନାଟକ ପରିବେଷଣ କରି ୨୬ନଂ ଜାତୀୟ ରାଜପଥ ଦେଇ ଯାତାୟତ କରୁଥିବା ଛୋଟ ବଡ଼ ଗାଡ଼ି ଓ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଦ୍ରୁତ ଗତିରେ ଗାଡ଼ି ଚାଳନା ଦ୍ୱାରା ହେଉଥିବା କ୍ଷତି, ବାଇକ୍ ଚାଳନା ବେଳେ ହେଲମେଟ ବ୍ୟବହାର, ଗାଡ଼ି କାଗଜପତ୍ର ରଖିବା, ବାଇକ୍‌ରେ ଦୁଇରୁ ଅଧିକ ନ ବସିବା ଓ ଚାରିଚକିଆ ଯାନ ଚଲାଇବା ବେଳେ ସିଟ ବେଲ୍ଟ ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍ଆଇ ଗୋଲକ ପଟ୍ଟନାୟକ, ଏଏସ୍ଆଇ ମଧୁ ନାୟକ ଓ ନଳିନୀ ଟାକିରି ଉପସ୍ଥିତ ଥିଲେ।

### ଅଭିଭାବକ, ଶିକ୍ଷକ ସମିତି ବୈଠକ

ପଟ୍ଟାଙ୍ଗି,୧୬।୧(ଡି.ଏନ୍.ଏ.): ପଟ୍ଟାଙ୍ଗି ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଥିବା ଲବଙ୍ଗଲତା ବାରିକଙ୍କ ସହଯୋଗରେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ସମିତି ବୈଠକ ଆୟୋଜିତ ହୋଇଛି। ଏଥିରେ ମଧ୍ୟାହ୍ନ ଭୋଜନରୁ ଆରମ୍ଭ କରି ଉତ୍ତମ ଶିକ୍ଷାଦାନ, ଶୈକ୍ଷିକ ପରିବେଶ, ସ୍ୱଚ୍ଛତା, ଶାରୀରିକ, ମାନସିକ ବିକାଶ ସାଙ୍ଗକୁ ପରିଚ୍ଛନ୍ନତା ସହ ଛାତ୍ରୀଛାତ୍ରଙ୍କ ଉପଯୁକ୍ତ ଶିକ୍ଷାର ବିକାଶ ପାଇଁ ମଧ ଆଲୋଚନା ହୋଇଥିଲା। ପରୀକ୍ଷାରେ ମିଳିଥିବା ମାର୍କର ବିବରଣୀ ସମ୍ପର୍କରେ ପିଲାଙ୍କ ଅଭିଭାବକଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଦୁର୍ବଳ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଶିକ୍ଷାଦାନ ଉପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୃସିଂହ ନାଥ ବେହେରା ଗୁରୁତ୍ୱ ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷକ ହେମନ୍ତ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ପଣ୍ଡା, ଭଗବାନ ଶିଶା, ନିବେଦିତା ହରିଚନ୍ଦନ, ସନ୍ତୋଷିନୀ ପାଣିଗ୍ରାହୀ, କଳ୍ପଲତା ବରାଡ଼, ଚନ୍ଦ୍ରମା ଖରା, ମାଳତୀ ଲତା ବାରିକ, ସୁକାନ୍ତି ମାଳା ଭତ୍ରା ଓ ଧରିତ୍ରୀ ଲେଙ୍କା ଉପସ୍ଥିତ ଥିଲେ।

# ଅବ୍ୟବସ୍ଥିତ ବ୍ୟାଙ୍କସେବା ପାଇଁ ସୁଫଳ ଦେଉନି 'କାଳିଆ'

କଳ୍ପତରୁ ମହାନ୍ତି
ବୈପାରୀଗୁଡ଼ା,୧୬।୧

ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା କରିଥିବା ବେଳେ କେନ୍ଦ୍ର ସରକାର ପିଏମ୍ କିଷାନ ଯୋଜନା କରିଛନ୍ତି। କିନ୍ତୁ ଏହି ଦୁଇଟି ଯୋଜନାର ଲାଭ ଚାଷୀ ପାଇପାରୁ ନାହାନ୍ତି। ଯୋଜନା ଓ ସଫଳତା ଭିତରେ ବାଧକ ସାଜିଛି ଅବ୍ୟବସ୍ଥିତ ବ୍ୟାଙ୍କସେବା। ବୈପାରୀଗୁଡ଼ା ବ୍ଲକର ଚାଷୀ ଏଭଳି ସମସ୍ୟା ଭୋଗୁଥିବା ଅଭିଯୋଗ ବାଢ଼ିଛନ୍ତି।

ବୈପାରୀଗୁଡ଼ା ବ୍ଲକ ସଦରରେ ୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଓ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ରହିଛି। ଓଭରସିଜ୍ ବ୍ୟାଙ୍କ ଶାଖା ପୁରୁଣା ହୋଇଥିବାରୁ ବହୁ ସରକାରୀ ଯୋଜନାରେ ସଂପୃକ୍ତ ହିତାଧିକାରୀଙ୍କ ଜମାଖାତା ଏଠାରେ ରହିଛି। କାଳିଆ ଯୋଜନା, ଆବାସ ଯୋଜନା, ପି.ଏମ୍. କିଷାନ ଯୋଜନା, କେନ୍ଦୁପତ୍ର ତୋଳାଳିଙ୍କ ପାଉଣା, ମଣ୍ଡିରେ ଧାନବିକା ଅର୍ଥ ଜମାଖାତାକୁ ଆସେ। କିନ୍ତୁ ବ୍ୟାଙ୍କ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଯୋଜନାର ସୁଫଳ ହିତାଧିକାରୀ ପାଇପାରୁ ନାହାନ୍ତି। ବ୍ୟାଙ୍କରେ କାମ ବୋଝ ବଢୁଥିବା ବେଳେ ଆବଶ୍ୟକ କର୍ମଚାରୀ ନ ଥିବା କାରଣରୁ ହିତାଧିକାରୀ ବ୍ୟାଙ୍କ ଗଲେ ସେମାନଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହେଉଛଇ। ଜମାଖାତାରେ କାରବାର ଓ ବ୍ୟାଙ୍କ ବାଲାନ୍ସ ତଥ୍ୟ ଦେବାକୁ ମନା କରାଯାଉଛି। ବର୍ତ୍ତମାନ କାଳିଆ ଯୋଜନାରେ ଅନଲାଇନ୍ ଗ୍ରିଭେନ୍ସ ପାଇଁ ଅପଡେଟ୍ ପାଶବୁକ୍ କପି ଦାଖଲ କରିବାକୁ ପଡୁଛି। କିନ୍ତୁ ଖାତା ଅପଡେଟ୍ କରିବାକୁ ଯାଉଥିବା ଜମାକାରୀଙ୍କୁ ପ୍ରିଣ୍ଟର ଅଚଳ କହି ଫେରାଇ ଦିଆଯାଉଛି। ଏଠାରୁ ୨୨ କିମି ଦୂର ଜୟପୁର ବ୍ରାଞ୍ଚକୁ ଯାଇ କରିବାକୁ କୁହାଯାଉଛି। ନିରକ୍ଷରତା ହେତୁ ଅନେକ ସମୟରେ ଗରିବ ଓ ଆଦିବାସୀ ହିତାଧିକାରୀ ଟଙ୍କା ଉଠାଇବା ବେଳେ ଅନ୍ୟମାନଙ୍କ ସାହାରା ନିଅନ୍ତି। ସେହି ସୁଯୋଗରେ ଅନେକ ଦଲାଲ ସେମାନଙ୍କ ଖାତାରୁ ଟଙ୍କା ହଡ଼ପ କରୁଛନ୍ତି। ଯେଉଁ ଜମାକାରୀ ଟଙ୍କା ଉଠାଇବା ଫର୍ମରେ ଟିପଚିହ୍ନ ଦେଉଛନ୍ତି, ସେମାନଙ୍କୁ ବାହାରେ ବାୟୋମେଟ୍ରିକ ମେଶିନ ଦ୍ୱାରା ଆଧାର କାର୍ଡ ନମ୍ବରରେ ଅର୍ଥ ଉଠାଇବାକୁ କୁହାଯାଉଛି। ବାହାରେ ଅର୍ଥ ଉଠାଣରେ ହଜାରକୁ ୬ ଟଙ୍କା କମିସନ ଦେବାକୁ ପଡୁଛି।

## ବୈପାରୀଗୁଡ଼ା ବ୍ଲକ

- ସମସ୍ୟା ସୃଷ୍ଟି କରିଛି ଖାତା ଅପଡେଟ୍ ନ ହେବା
- କାଳିଆ ଯୋଜନାରୁ ବାଦ୍ ପଡ଼ିପାରନ୍ତି ବହୁ ଚାଷୀ
- ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ କଥା ପଡ଼ିବା ପରେ ବି ଫଳ ଶୁନ


ଗୋରା ଗାଦବା


ଗୁରୁ ଗୌଡ଼


ଦୈତାରୀ ଗାଦବା

ଗତ ସୋମବାରର ଘଟଣା। ବୈପାରୀଗୁଡ଼ା ବ୍ଲକ ମାଝିଗୁଡ଼ା ପଞ୍ଚାୟତ ଭାଟିପଡ଼ା ଗ୍ରାମର କାଳିଆ ଯୋଜନା ହିତାଧିକାରୀ ଦୈତାରୀ ଗାଦବା ଓ ଗୋରା ଗାଦବା ନିଜ ଖାତାରେ କେତେ ଟଙ୍କା ଅଛି ଜାଣିବା ପାଇଁ ବ୍ୟାଙ୍କ ଯାଇଥିଲେ। ଜଣେ କର୍ମଚାରୀ ବିନା ଯାଞ୍ଚରେ ପ୍ରିଣ୍ଟର ଖରାପ ଥିବା ଆଳ ଦେଖାଇ ଖାତା ଅପଡେଟ୍ କରିବାକୁ ଜୟପୁର ଯିବା ପାଇଁ କହିଥିଲେ। ନେଟ୍‌ରେ ଯାଞ୍ଚ କରିବା ବେଳେ ଦୈତାରୀଙ୍କ ଖାତାରେ ଗତ ବର୍ଷ ଫେବୃଆରୀ ୨୧ରେ ପ୍ରଥମ କିସ୍ତି ଓ ନଭେମ୍ବର ୬ରେ ଦ୍ୱିତୀୟ କିସ୍ତିରେ ମୋଟ ୧୦ ହଜାର ଟଙ୍କା ଆସିଥିବା ଜଣାପଡ଼ିଥିଲା। କାଳିଆ ଟଙ୍କାରେ ଛେଳି କିଣି ଗୁଜୁରାଣ ଚଳାଇବାକୁ ଆଶା ରଖିଥିବା ଦୈତାରୀ ବ୍ୟାଙ୍କକୁ ବାରମ୍ବାର ଆସି ନିରାଶ ହେଉଥିବା କହିଛନ୍ତି। ବାଲିଗାଁ ପଞ୍ଚାୟତ ସିନ୍ଧିଗାଁର ଗୁରୁ ଗୌଡ଼ ଗତ ବର୍ଷ କାଳିଆ ଯୋଜନାରେ ଆବେଦନ କରିଥିଲେ। ଗତ ନଭେମ୍ବର ୭ରେ ତାଙ୍କୁ ପ୍ରଥମ କିସ୍ତି ସହାୟତା ମିଳିଥିବା ନେଟ୍‌ରେ ଯାଞ୍ଚ ବେଳେ ଜଣାପଡ଼ିଛି। କିନ୍ତୁ ବ୍ୟାଙ୍କ ଗଲେ ଟଙ୍କା ନ ଥିବା କହି ଫେରାଇ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଓଭରସିଜ୍ ବ୍ୟାଙ୍କ ଶାଖା ପରିଚାଳକଙ୍କ ସହ ଯୋଗାଯୋଗ କରିବାରୁ ୩ ମାସ ହେବ ଜମାକାରୀଙ୍କ ପାଇଁ ଥିବା ପ୍ରିଣ୍ଟର ଖରାପ ଥିବା କଥା ସେ ସ୍ୱୀକାର କରିଥିଲେ। ବ୍ୟାଙ୍କରେ ଅନ୍ୟ ଏକ ପ୍ରିଣ୍ଟର ଥିଲେ ବି କର୍ମଚାରୀ ଅଭାବରୁ ତାହା ଅପରେଟ ହୋଇପାରୁ ନ ଥିବା ସେ କହିଛନ୍ତି। ସ୍ଥାନୀୟ କୃଷି ଅଧିକାରୀ ନନ୍ଦୁ ଜାନି କହିଛନ୍ତି, ତାଙ୍କ ନିକଟରେ ଏପରି ଅଭିଯୋଗ ରହିଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ବାରମ୍ବାର କହିବା ସତ୍ତ୍ୱେ ଅବସ୍ଥା ସୁଧୁରୁନି।

ଉଲ୍ଲେଖଯୋଗ୍ୟ, ଚଳିତ ମାସ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ବେଳେ ବ୍ୟାଙ୍କର ସମସ୍ୟା ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ରଜନୀକାନ୍ତ ଦାସ ସଂପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ଡାକି ତାଗିଦ୍ କରିଥିଲେ। କିନ୍ତୁ ଏଯାବତ୍ ଅବସ୍ଥାରେ କୌଣସି ସୁଧାର ଆସିନାହିଁ। ଅନ୍ୟପକ୍ଷରେ ଖାତା ଅପଡେଟଡ୍ ନ ହେବା କାରଣରୁ କାଳିଆ ଯୋଜନାରେ ଆବେଦନ କରୁଥିବା ବହୁ ଚାଷୀ ବାଦ୍ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

# ଏୟାରଷ୍ଟ୍ରିପ୍ ପରିଦର୍ଶନ କଲେ ବେସାମରିକ ବିମାନ ଚଳାଚଳ ବିଭାଗ ଅଧିକାରୀ

ଜୟପୁର,୧୬।୧(ଡି.ଏନ୍.ଏ.)

ବେସାମରିକ ବିମାନ ଚଳାଚଳ ବିଭାଗର ଦୁଇଜଣ ଅଧିକାରୀ ଭୁବନେଶ୍ୱରରୁ ବିମାନ ଯୋଗେ ଗୁରୁବାର ମଧ୍ୟାହ୍ନରେ ଜୟପୁର ପହଞ୍ଚି ଏୟାରଷ୍ଟ୍ରିପ୍ ପରିଦର୍ଶନ କରିଛନ୍ତି। ଏୟାରଷ୍ଟ୍ରିପ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହିଥିବା ବଡ଼ଗଛ, ଘର ସ୍ଥିତି ତଦାରଖ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା, ଏୟାର ଟ୍ରାଫିକ କଣ୍ଟ୍ରୋଲ, ଅନ୍ୟ ନିର୍ମାଣାଧୀନ କାର୍ଯ୍ୟର ମଧ ଯାଞ୍ଚ କରିଥିଲେ ୨ ଅଧିକାରୀ। ୨୨ରେ ବିଭାଗର ବରିଷ୍ଠ ଅଧିକାରୀ ଏହାର ତଦାରଖ ପାଇଁ ଜୟପୁର ଆସିବାର କାର୍ଯ୍ୟକ୍ରମ ରହିଥିବା ବେଳେ ତାହା ପୂର୍ବରୁ ୨ ଅଧିକାରୀଙ୍କ ଏହି ଗସ୍ତକୁ ମହତ୍ତ୍ୱପୂର୍ଣ୍ଣ କୁହଯାଉଛି। ଏହି ଗସ୍ତ ବେଳେ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, ରାସ୍ତା ଓ ଗୃହନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ବେହେରା ଉପସ୍ଥିତ ଥିଲେ। ଜୟପୁର ଏୟାରଷ୍ଟ୍ରିପର ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୬ କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୪୨ କୋଟିର ସିଭିଲ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିବା ବେଳେ ସମୁଦାୟ ୫୫ କୋଟି ଟଙ୍କା ମଞ୍ଜୁର କରାଯାଇଛି।

# ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସ ଜୟନ୍ତୀ



କାର୍ଯ୍ୟକ୍ରମରେ ଅତିଥି ଓ ସଂସଦର କର୍ମକର୍ତ୍ତା।

ଦାମନଯୋଡ଼ି,୧୬।୧(ଡି.ଏନ୍.ଏ.)

ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ମାଥାଲପୁଟସ୍ଥିତ ଆଲୁମିନା ବାଳିକା ହାଇସ୍କୁଲରେ ଫକୀରମୋହନ ଜୟନ୍ତୀ ପାଳିତ ହୋଇଛି। ବ୍ୟାସକବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ତାଙ୍କ ସାହିତ୍ୟକୃତୀ, ଜୀବନୀ ଓ ଓଡ଼ିଆ ଭାଷା ଆନ୍ଦୋଳନରେ ତାଙ୍କର ଅବଦାନ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଉତ୍ସବରେ କୋରାପୁଟ ଜିଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଲିଟିଗୁଡ଼ାର ପୂର୍ବତନ ସରପଞ୍ଚ ଦାମୋଦର ଜାନି ମୁଖ୍ୟ ଅତିଥି, ଖବରଦାତା ନରସିଂହ ବ୍ରହ୍ମା, ସାହିତ୍ୟିକା ସ୍ୱାତୀ ଚାଟାର୍ଜୀ, ଭାରତୀ ସାହୁ, ଶ୍ରୀକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟିକ ଡ. ପ୍ରଦୀପ ପାଢୀଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବର୍ଷା ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀଧର ପରିଡ଼ା, ସାମ୍ବାଦିକ ସୁଦର୍ଶନ ସେନାପତି, ଶିକ୍ଷୟିତ୍ରୀ ଜୟନ୍ତିକା ପରିଡ଼ା, ଅନିଲ ପତି, ତୁଳସୀ ଦିଶାରୀ ଉପସ୍ଥିତ ଥିଲେ। ଡ. ଅଶୋକ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଓ ଶେଷରେ ଆଲୁମିନା ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ପୋଲିଓ ବୁନ୍ଦା ନେବେ ୧.୭୧ ଲକ୍ଷ ଶିଶୁ

ଜୟପୁର,୧୬।୧(ନି.ପ୍ର.)

କୋରାପୁଟ ଜିଲାରେ ପଲ୍‌ସ ପୋଲିଓ ଓ ସ୍ୱତନ୍ତ୍ର ଟିକାକରଣ ପାଇଁ ପ୍ରଶାସନ ପ୍ରସ୍ତୁତ ହୋଇଛି। ଆସନ୍ତା ୧୯ରୁ ୨୧ ତାରିଖ ଯାଏ ଗୋଟିଏ ପର୍ଯ୍ୟାୟରେ ଜନ୍ମରୁ ୫ ବର୍ଷ ଯାଏ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଚଳିତ ଥର ୧ ଲକ୍ଷ ୭୧ ହଜାର ୩୪୦ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଟାର୍ଗେଟ୍ ଶତ ପ୍ରତିଶତ ପୂରଣ କରିବାକୁ ଲକ୍ଷ୍ୟ ରଖିଛି ପ୍ରଶାସନ। ଜିଲାରେ ୧ ଲକ୍ଷ ୭୧ ହଜାର ୩୪୦ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବା ପାଇଁ ଜିଲାର ୧୪ଟି ବ୍ଲକରେ ୧୫ ଶହ ବୁଥ୍ କରାଯାଇଛି। ଜିଲାର ନାରାୟଣପାଟଣା, ବନ୍ଧୁଗାଁ, ପଟ୍ଟାଙ୍ଗି, ଲମତାପୁଟ, ବୈପାରୀଗୁଡ଼ା ଭଳି ଉପାନ୍ତ ଅଞ୍ଚଳରେ ପୋଲିଓ ବୁନ୍ଦା ଦେବା ନେଇ ଅଧିକ ଗୁରୁତ୍ୱାରୋପ କରୁଛି ପ୍ରଶାସନ। ଜିଲାର ୧୫ ଶହ ବୁଥ୍ ପାଇଁ ୩୧ ଶହ କର୍ମଚାରୀ ନିୟୋଜିତ ହେବେ। ଜିଲାର ୨୨ଟି ଟ୍ରାନଜିଟ ପଏଣ୍ଟ ରହିଥିବା ବେଳେ ୪୪ ଜଣ ଭାକ୍ସିନେଟର ଓ ୧୭ଟି ମୋବାଇଲ ଟିମ ପାଇଁ ୩୪ ଜଣ ଭାକ୍ସିନେଟର ନିୟୋଜିତ ହୋଇଛନ୍ତି । ବସଷ୍ଟାଣ୍ଡ, ରେଳଷ୍ଟେସନ ଭଳି ୨୨ଟି ଟ୍ରାନଜିଟ ପଏଣ୍ଟରେ ପୋଲିଓ ବୁନ୍ଦା ପ୍ରଦାନ କରାଯିବ।

# ଛାତ୍ରୀଛାତ୍ରଙ୍କ ସହ ସଡ଼କ ସୁରକ୍ଷା ସପ୍ତାହ ଶୋଭାଯାତ୍ରା

କୁନ୍ଦୁରା,୧୬।୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକରେ ଗୁରୁବାର ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପକ୍ଷରୁ ୩୧ତମ ରାଜ୍ୟ ସଡ଼କ ସୁରକ୍ଷା ଶୋଭାଯାତ୍ରା ବାହାରିଛି। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଥାନା ସମ୍ମୁଖରୁ କୁନ୍ଦୁରା ଗ୍ରାମ ଗାନ୍ଧୀଛକ, କାଳିଆକାଦ ଦେଇ ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଛାତ୍ରୀଛାତ୍ରଙ୍କ ସହ ପୋଲିସ ଏସ୍ଆଇ ଶିବ ରଣବିଦା, ହାବିଲଦାର ସୋମନାଥ ଗରଡ଼ାଙ୍କ ସହ ଅନ୍ୟ କର୍ମଚାରୀ ଧଳା ହେଲମେଟ ପିନ୍ଧି ସଚେତନତା ରାଲିରେ ସାମିଲ ହୋଇଥିଲେ । ଦୁଇ ଚକିଆ ଗାଡ଼ି ଚାଳକ ହେଲମେଟ ପିନ୍ଧିବା, ଭାରିଯାନ ଚାଳକ ସିଟ୍‌ବେଲ୍ଟ ବାନ୍ଧିବା ଓ ଦ୍ରୁତଗତିରେ ଗାଡ଼ି ନ ଚଲାଇବା ପାଇଁ ପଥଚାରୀଙ୍କୁ ସଚେତନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ହୃଦୟରଞ୍ଜନ ପଣ୍ଡା, ଅଧ୍ୟାପକ ଅନୀଲ ପଟ୍ଟନାୟକ, ସୁଶାନ୍ତ ବେହେରା, ଅଜିତା ପଣ୍ଡା, ଚିନ୍ମୟୀ ଭଞ୍ଜ, ଦିବାକର ପଟ୍ଟନାୟକ ଉପସ୍ଥିତ ଥିଲେ ।



କୁନ୍ଦୁରାସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ରଙ୍କ ସହ ପୋଲିସର ସଚେତନତା କାର୍ଯ୍ୟକ୍ରମ।

# ବାଇକ, କାଠ ଜବତ

କୁନ୍ଦୁରା,୧୬।୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକରେ ବନ ବିଭାଗ ତରଫରୁ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଚୋରା କାଠ ଚାଲାଣ ଧରାପଡ଼ିଛି। ଫରେଷ୍ଟରଙ୍କ ହାବୁଡ଼ରେ ପଡ଼ି କାଠ ଚାଲାଣକାରୀ ଫେରାର ଥିବାବେଳେ କାଠ ଓ ଦୁଇଟି ବାଇକ ଜବତ ହୋଇଛି। କୁନ୍ଦୁରା ରେଞ୍ଜର ବିଶ୍ୱନାଥ ମାଣ୍ଡିଙ୍ଗାଙ୍କ ସୂଚନା ମୁତାବକ ବୁଧବାର ରାତିରେ କୁନ୍ଦୁରା ଫରେଷ୍ଟର ସୁଶାନ୍ତ ବଡ଼ଜେନା, ବାଗଦେରୀ ଫରେଷ୍ଟର ମିହିର ପ୍ରଧାନ, ପି.କେ. ଗରଡ଼ା ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଦୁଇଟି ବାଇକରେ କାଠ ଚାଲାଣ ହେଉଥିବା ଦେଖିଥିଲେ। ଚାଲାଣକାରୀ ବନ ବିଭାଗ ଅଧିକାରୀଙ୍କ ଗାଡ଼ିକୁ ଦେଖି କାଠ ଓ ବାଇକ୍ ଛାଡ଼ି ଫେରାର ହୋଇଯାଇଥିଲେ। ଦୁଇଟି ବାଇକ ଓଡି୧୦୦ ଡି ୩୯୫୦ ଏବଂ ଓଆର୧୦ଜି୨୬୭୬ରେ ୪ଟି ଶାଳ ସାଇଜ ଥିବାବେଳେ ୧୯ଟି ବିଜା ପଟା ଜବତ ହୋଇଛି। କୁନ୍ଦୁରା ବ୍ଲକ ଅଧୀନରେ ରହିଥିବା ସଂରକ୍ଷିତ ଜଙ୍ଗଲରୁ ରାତିଅଧରେ କାଠ ମାଫିଆମାନେ ମୂଲ୍ୟବାନ ଗଛଗୁଡ଼ିକୁ କାଟି ନେଇଥିବା ବେଳେ ବୁଧବାର ରାତିରେ ମାଫିଆ ଖସି ପଳାଇଥିଲେ।

# ଆଖଣ୍ଡଳମଣି ସଂସଦର ବନ୍ଧୁ ମିଳନ


ବନ୍ଧୁ ମିଳନରେ ଉପସ୍ଥିତ ଅତିଥିମାନେ।

କୋରାପୁଟ,୧୬।୧(ସ୍ୱ.ପ୍ର.)

ସୁନାବେଡ଼ାସ୍ଥିତ ଆଖଣ୍ଡଳମଣି ସଂସଦ ପକ୍ଷରୁ ସ୍ଥାନୀୟ ହାଲ୍ ଭଞ୍ଜ ମଣ୍ଡପରେ ବୁଧବାର ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି। ଏଥିରେ ହାଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ ମୁଖ୍ୟ ଅତିଥି, ସୁନାବେଡ଼ା ଥାନା ଅଧିକାରୀ ସୁମିତ୍ରା ଜେନା, ହାଲ୍ ଜିଏମ୍ ଜେ.ଏମ୍. ସାହୁ, ନନ୍ଦପୁର ବିଡିଓ କୈଳାସ ଚନ୍ଦ୍ର ଶିଅଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସୁନାବେଡ଼ା ଅଞ୍ଚଳର ୨ ଛାତ୍ର ଅକ୍ଷୁଣ୍ଣ ବାରିକ ଓ ଅନୁପମ ଗିରିଙ୍କୁ ଫକୀରମୋହନ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨ ଅବସରପ୍ରାପ୍ତ କର୍ମଚାରୀ ମାନସ ସେଠୀ ଓ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଫକୀରମୋହନଙ୍କ ରଚିତ 'ପେଟେଣ୍ଟ ମେଡିସିନ୍' ନାଟକ ମଞ୍ଚସ୍ଥ ହୋଇଥିଲା। ଆଖଣ୍ଡଳମଣି ସଂସଦର ସଭାପତି ଆଲୋକ ମହାନ୍ତି, ସମ୍ପାଦକ ସୁରେଶ ରାୟ ମହାପାତ୍ର ପରିଚାଳନା କରିଥିବା ବେଳେ ପୁରନ୍ଦର ବାରିକ, ସମୀର ମହାପାତ୍ର, ଅରୁଣ ନାୟକ ସହଯୋଗ କରିଥିଲେ।

# କୋଟିଆ ଗସ୍ତକଲେ ନୂଆ ବିଡିଓ

ପଟ୍ଟାଙ୍ଗି,୧୬।୧(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବିଡିଓ ପଦବୀରେ ପ୍ରଥମଥର ଜଣେ ମହିଳା ଭାବେ ଯୋଗ ଦେଇଥିବା ମୋନାଲିସା ଦେବତା ଦାୟିତ୍ୱ ଗ୍ରହଣ କରିବାର ତୃତୀୟ ଦିନରେ ବିବାଦୀୟ କୋଟିଆ ପଞ୍ଚାୟତ ଗସ୍ତ କରିଛନ୍ତି। ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୬୦ କୋଟି ପ୍ୟାକେଜରେ ଚାଲିଥିବା ଉନ୍ନୟନ କାର୍ଯ୍ୟକ୍ରମ ତଦାରଖ କରିବା ସହ ପଞ୍ଚାୟତର ଭୌଗୋଳିକ ସ୍ଥିତି ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ ଓ ପିଇଓ ଦୁଃଶାସନ ନାୟକଙ୍କଠାରୁ ଅବଗତ ହୋଇଛନ୍ତି। ବିଡିଓ ଦେବତା ପଞ୍ଚାୟତର କାତ୍ରାଗୁଡ଼ା, ସଲିମପଦର, ଗୁମେଲପଥର ଓ ଧୂଳିପଦର ଗ୍ରାମ ଗସ୍ତକରି ଗ୍ରାମବାସୀଙ୍କ ସହ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ଓ ଆବାସ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଛନ୍ତି। ଉନ୍ନୟନ କାର୍ଯ୍ୟରେ ସମସ୍ୟା ରହିଥିଲେ ତାଙ୍କ ଦୃଷ୍ଟିକୁ ଆଣିବା ପାଇଁ ସେ ସ୍ଥାନୀୟ ବାସିନ୍ଦାଙ୍କୁ ପରାମର୍ଶ ଦେଇଛନ୍ତି।

# ଗାଡ଼ି କାଗଜପତ୍ର ଯାଞ୍ଚ ପୁଣି ଆରମ୍ଭ

- ନୂଆ ଗାଡ଼ି କିଣି କାଗଜପତ୍ର ଅପେକ୍ଷାରେ ଥିବା ଚାଳକ ପାଇଛନ୍ତି ଭାରୀ ଜରିମାନା

ବୋରିଗୁମ୍ମା,୧୬।୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମାରେ ପୁଣି ଆରମ୍ଭ ହୋଇଛି ଯାନବାହାନ କାଗଜପତ୍ର ଯାଞ୍ଚ। ପ୍ରଥମ ପାଳିରେ ବୋରିଗୁମ୍ମା ପୋଲିସ ୧୩ଟି ଅଟୋକୁ ଧରି ଆରମ୍ଭ କରିଥିଲା ଯାଞ୍ଚ। ଏଆର୍‌ଟିଓ ବୋରିଗୁମ୍ମା ଥାନାରେ ପହଞ୍ଚି ୮ଜଣ ଗାଡ଼ି ଚାଳକଙ୍କୁ ମୋଟ ଏକ ଲକ୍ଷ ଏକ ହଜାର ଟଙ୍କାର ଜରିମାନା ବାନ୍ଧିବାକୁ ନୋଟିସ କରିଛନ୍ତି। ତେବେ ଜରିମାନା ନୋଟିସ୍ ପାଇଥିବା ଚାଳକମାନେ ପ୍ରାୟ ନୂଆ ଗାଡ଼ି କିଣିଛନ୍ତି ଓ କାଗଜପତ୍ର ପାଇବା ଅପେକ୍ଷାରେ ରହିଛନ୍ତି। ଏଭଳି ପରିସ୍ଥିତିରେ ସେମାନଙ୍କୁ ଆର୍‌ଟିଓ ଜରିମାନା କରିବାକୁ ସେମାନେ ବିରୋଧ କରିଛନ୍ତି।

ଜଣେ ଗାଡ଼ି ଚାଳକ କ୍ଷୀରଧର ମହୁରିୟାଙ୍କୁ ୨୨,୫୦୦ ଟଙ୍କା ଜରିମାନା କରାଯାଇଛି। କାମତା ଗ୍ରାମର ନିରଞ୍ଜନ ପୂଜାରୀ ୭ମାସ ତଳେ ଜୟପୁର ଶୋରୁମରୁ ନୂଆ ଅଟୋ କିଣିଥିଲେ। ଏଯାବତ୍ ସେ କାଗଜପତ୍ର ପାଇ ନ ଥିବା ବେଳେ ଯାଞ୍ଚରେ ଧରାପଡ଼ିବାରୁ ୧୫,୫୦୦ ଟଙ୍କା ଜରିମାନା ପାଇଛନ୍ତି। ବିଶ୍ୱନାଥ ହରିଜନ ମାସକ ତଳେ ନବରଙ୍ଗପୁର ଶୋରୁମରୁ ଅଟୋ କିଣିଥିଲେ ମଧ କାଗଜପତ୍ର ମିଳିନାହିଁ। ଯାଞ୍ଚ ବେଳେ ତାଙ୍କୁ ୧୦,୫୦୦ ଟଙ୍କା ଜରିମାନା କରିଛନ୍ତି କୋରାପୁଟ ଏଆର୍‌ଟିଓ। ଗାଡ଼ିର କାଗଜପତ୍ର କରିବାରେ ଆର୍‌ଟିଓ ବିଳମ୍ବ କରୁଥିବା ବେଳେ ନୂଆ ଗାଡ଼ିର ମାଲିକଙ୍କୁ ଜରିମାନା କରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଏଆର୍‌ଟିଓ କହିଛନ୍ତି, ଗାଡ଼ି ଚାଳକ କାଗଜପତ୍ର ପାଇଁ ଆବେଦନ କରିଥିଲେ, ଏହାର ଯାଞ୍ଚ ପରେ ଜରିମାନା କୋହଳ କରାଯିବ।

ଧରିତ୍ରୀ
DHARITRI
ଶୁକ୍ରବାର, ୧୭ ଜାନୁୟାରୀ , ୨୦୨୦



ଆଲୋକ ନ ଥିବା ଦୀପ ଓ ବୁଦ୍ଧି ହେଉ ନ ଥିବା ଲେଖା ଦୁଇଟିଯାକ ସମାନ।
-ସାଇମନ



## ସଂକ୍ଷେପରେ

### ଗୋପୀନାଥ ଗଜପତିଙ୍କ ବିୟୋଗରେ ଶୋକସଭା

**ଗୁଣପୁର,୧୬।୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ସ୍ୱର୍ଗତ ଗୋପୀନାଥ ଗଜପତି ନାରାୟଣ ଦେଓଙ୍କ ବିୟୋଗରେ ଏକ ଶୋକସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି । ତାଙ୍କର ବିୟୋଗରେ ଏକ ନିରବ ପ୍ରାର୍ଥନା କରାଯିବାସହ ସ୍ମୃତିଚାରଣ କରାଯାଇଥିଲା । ବରିଷ୍ଠ ନାଗରିକ କୃଷ୍ଣ ପ୍ରସାଦ ବେବର୍ତ୍ତା, ନରସିଂହ ପ୍ରସାଦ ଦାସ, ପ୍ରଭାତ ଶତପଥୀ ଦେବୀ କିଙ୍କର ମିଶ୍ର, ପ୍ରତାପ ରାୟ, ବଂଶୀଧର ସେଠୀ, କୈଳାସ ଦାସ, ଅଶ୍ୱିନି ତ୍ରିପାଠୀ, ପ୍ରାଣକୃଷ୍ଣ ପାଣିଗ୍ରାହୀ,ଉମାଶଙ୍କର ଦାସ, ରମେଶ ମିଶ୍ର ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

### ପାଣି ପଞ୍ଚାୟତ କର୍ମଶାଳା

**ଉମରକୋଟ,୧୬।୧(ଡି.ଏନ.ଏ):** ଉମରକୋଟ ଭାସ୍କେଲ ନଦୀ ଜଳଭଣ୍ଡାର କାର୍ଯ୍ୟାଳୟ ପରିସରରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ବ୍ଲକ ଅଧକ୍ଷ ଲାଇବାନ ଭକ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଉକ୍ତ ଜଳଭଣ୍ଡାରର ଜଳ କେନାଲ ମାଧମରେ ଛଡାଯିବା ବେଳେ ବିଭିନ୍ନ ସ୍ଥାନରେ ଫାଟ ଯୋଗୁ ଜଳ ନଷ୍ଟ ହୋଇଯାଉଛି। ଏଥିପ୍ରତି ଦୃଷ୍ଟି ଦିଆଯାଉ। ଜଳଭଣ୍ଡାରର ଚତୁଃପାର୍ଶ୍ୱରେ ଖାଲିଥିବା ଜାଗାରେ ଜବରଦଖଲ କରି ଚାଷ କରାଯାଇଥିବାରୁ ଜଳଭଣ୍ଡାର ଜଳଧାରଣ କ୍ଷମତା କମିବାରେ ଲାଗିଛି। ଏଥିପ୍ରତି ବିଭାଗୀୟ ଅଧିକାରୀଏବଂ ପ୍ରଶାସନର ହସ୍ତକ୍ଷେପ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ମହାନ୍ତି, ଏସଡିଓ ନିରଞ୍ଜନ ସାହୁ, ଯନ୍ତ୍ରୀ ଅମିୟ କୁମାର ଭୋଇ, ଅତିରିକ୍ତ କୃଷି ଅଧିକାରୀ ନୀଳକଣ୍ଠ ପରିଡା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରୁଦ୍ର ପ୍ରସାଦ ମହାଲିକ ଯୋଗ ଦେଇ ଜଳଭଣ୍ଡାର ଜଳକୁ କିପରି ସୁରକ୍ଷିତ ରଖିବ ଏବଂ ଠିକ ଭାବେ ଜଳକୁ ଚାଷ କରିବା ନିମନ୍ତେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଭାସ୍କେଲ ଡ୍ୟାମର ୯ଟି ପାଣି ପଞ୍ଚାୟତର ସଭ୍ୟ ଭୁବନେଶ୍ୱର ମାଝି, ଜିତେନ୍ଦ୍ର ମହାନ୍ତି, ଚୁନିଲାଲ ସତନାମି, ଶତର ବେହେରା, କିଶୋର ସାହୁ, ଜଗନ୍ନାଥ ଗୌଡ, ପାଣି ପଞ୍ଚାୟତର ସଭାପତି ବିଦ୍ୟାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ଯୁବକ ଗିରଫ

**ଭଞ୍ଜନଗର,୧୬।୧(ଡି.ଏନ.ଏ):** ଭଞ୍ଜନଗର ପୋଲିସ ବୁଧବାର ସନ୍ଧ୍ୟାରେ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ କୁଲାଡ଼ର କାହ୍ନୁ ପାତ୍ର। କାହ୍ନୁଙ୍କ ଠାରୁ ୪ କେଜି ୩୭୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ ଭଞ୍ଜନଗର ଥାନାରେ ନଂ.୨୮।୨୦ରେ ଏକ ମାମଲା ରୁଜୁହୋଇଛି। ଗୁରୁବାର କାହ୍ନୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, କାହ୍ନୁ ବୁଧବାର ସନ୍ଧ୍ୟାରେ ଦୁର୍ଗାପ୍ରସାଦ ଠାରେ ଗଞ୍ଜେଇ ଧରି ବସ୍‌କୁ ଅପେକ୍ଷା କରିଥିଲେ ଭଞ୍ଜନଗର ଅଭିମୁଖେ ଆସିବା ପାଇଁ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଭଞ୍ଜନଗର ଥାନା ଏସ୍.ଆଇ. ନିରଞ୍ଜନ ଦାସ ସୂଚନା ପାଇ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ■ ବିଭିନ୍ନ ୱାର୍ଡ ବୁଲିଲେ ଉପଜିଲାପାଳ

# ଲୋକଙ୍କ ସମସ୍ୟା ବୁଝିଲେ

**ଗୁଣପୁର,୧୬।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦର ଗୁରୁବାର ସହରର ବିଭିନ୍ନ ୱାର୍ଡ଼ ପରିକ୍ରମା କରିଛନ୍ତି। ସେ ୩, ୪ ଏବଂ ୫ ନଂ ୱାର୍ଡ ବୁଲି ଦେଖିବା ସହ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ । ଏହି ସମୟରେ ସେ ଲୋକଙ୍କ ରହିଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ପରିମଳ, ପାନୀୟ ଜଳଯୋଗାଣ ଏବଂ ରାସ୍ତା ଘାଟ ସମସ୍ୟା ସମ୍ପର୍କରେ ୱାର୍ଡବାସୀଙ୍କୁ ପଚାରି ବୁଝିଥିଲେ । ଏହି ସମୟରେ ପୌର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସଙ୍କ ସମେତ ବିଭାଗର ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ୱାର୍ଡର ପୂର୍ବତନ କାଉନସିଲର ସୀମାଞ୍ଚଳ ମଣ୍ଡଳ, ସାନ ବାଉରି ଉପସ୍ଥିତ ରହି ଲୋକଙ୍କ ଅସୁବିଧର ନେଇ ଉପଜିଲାପାଳଙ୍କୁ ଅବଗତ କରିଥିଲେ ।



ଉପଜିଲାପାଳ ମହିଳାଙ୍କଠାରୁ ସମସ୍ୟା ଶୁଣୁଛନ୍ତି ।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ମୁନିଗୁଡା,୧୬।୧(ଡ଼ି.ଏନ.ଏ)**

ରାୟଗଡା ଜିଲା ମୁନିଗୁଡାଠାରେ ପରିବହନ ବିଭାଗ ଓ ପୋଲିସର ମିଳିତ ଉଦ୍ୟମରେ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ରାୟଗଡା ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ ଓ ମୁନିଗୁଡା ଏସ୍‌ଡ଼ିପିଓ ଚନ୍ଦ୍ରଶେଖର ହୋତା ଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଏହି ସଚେତନତା ରାଲିକୁ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା କଲେଜ ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ କଲେଜ, ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଜନସାଧାରଣ ସାମିଲ ହୋଇ ସଡ଼କ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରିଥିଲେ । ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ପିନ୍ଧିବା ଓ ଚାରି ଚକିଆ ଯାନ ଚଳାଇବା ସମୟରେ ସିଟ ବେଲ୍ଟ ପିନ୍ଧିବା ନେଇ ଲୋକଙ୍କୁ ବୁଝାଇଥିଲେ । ମୁନିଗୁଡା ଥାନା ଅଧିକାରୀ ରାଜେନ୍ଦ୍ର ଦେହୁରୀ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ସରପଞ୍ଚ ଜଗା ଶବର, ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବାନନ୍ଦ ମିଶ୍ର, ଡିଗ୍ରୀ କଲେଜ ଅଧ୍ୟକ୍ଷ ହୃଷୀକେଶ ଜାଲି, ଚତୁର୍ଭୁଜ ବଂଚର, ଅଧାପକ ରାମନାଥ ମହାପାତ୍ର, ବିରାଟ ପଣ୍ଡା, ଥାନା ମହିଳା ଏସ୍‌ଆଇ ଶ୍ୱେତପଦ୍ମା ସେଠ୍, ଚନ୍ଦ୍ରମା ଶବର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ ।




ସଡ଼କ ସୁରକ୍ଷା ନେଇ ବାହାରିଥିବା ଶୋଭାଯାତ୍ରାକୁ ଶୁଭାରମ୍ଭ କରାଯାଉଛି ।

## କୋଇଲା ବୋଝେଇ ଟ୍ରେନ୍‌ରୁ ୨ ବଗି ଅଲଗା

**ଦେଢ଼ଘଣ୍ଟା ଧରି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ**

**ରାୟଗଡ଼ା ଅଫିସ ,୧୬।୧**

ରାୟଗଡ଼ା ଜିଲା ବିଷମକଟକ ଓ ସାନ ସାର୍ଟେଲି ଷ୍ଟେଶନ ମଧ୍ୟରେ ଏକ ମାଲବାହୀ ଟ୍ରେନରୁ ୨ଟି ବଗି ଅଲଗା ହୋଇଯାଇଛି । ଫଳରେ ଦେଢ଼ ଘଣ୍ଟା ଧରି ଉକ୍ତ ଟ୍ରାକରେ ଟେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଗୁରୁବାର ସକାଳ ସାଢେ ୬ଟାରେ ଏକ କୋଇଲା ବୋଝେଇ ଟ୍ରେନ ଟି ବିଶାଖାପାଟଣାରୁ ଝାରସୁଗୁଡ଼ା ଯାଉଥିଲା । ବିଷମକଟକ ଷ୍ଟେଶନରୁ ୩ କିମି ଦୂର ବଡ଼ମଟକ ବାଡ଼ି ଗ୍ରାମ ନିକଟରେ ଉକ୍ତ ଟ୍ରେନର ୨ ଟି ବଗି ହଠାତ୍ ଅଲଗା ହୋଇଯାଇଥିଲା। ଟ୍ରେନର ଡ୍ରାଇଭର ଘଟଣା ବିଷୟରେ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ । ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା ।



କୋଇଲା ବୋଝେଇ ଟ୍ରେନ୍।

### ରେଳ ଫାଟକ ନିକଟରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ମୁନିଗୁଡା,୧୬।୧(ଡ଼ି.ଏନ.ଏ)**

ରାୟଗଡା ଜିଲା ମୁନିଗୁଡା ବସଷ୍ଟାଣ୍ଡ ନିକଟସ୍ଥ ରେଳ ଫାଟକ ନିକଟରୁ ଜିଆରପି ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କର ପରିଚୟ ମିଳିନାହିଁ। ବର୍ତ୍ତମାନ ସୁଦ୍ଧା କିପରି ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ଜଣା ପଡିନାହିଁ । ଫାଟକ ନିକଟରୁ ପୋଲିସ ମୃତଦେହ ଉଠାଇବାରେ ବିଳମ୍ବ କରିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

ମୁନିଗୁଡା ଜିଆରପି ଏସଆଇ ମକର ସାହୁଙ୍କ ସମେତ ଅନ୍ୟ ଅଧିକାରୀ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ପୋଲିସ ଏକ ମାମଲା (ନମ୍ବର ୪/୨୦) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

### ଘର ତାଲା ଭାଙ୍ଗି ଅଳଙ୍କାର, ଟଙ୍କା ଲୁଟ୍

**ରାୟଗଡ଼ା ଅଫିସ ,୧୬।୧**

ରାୟଗଡ଼ା ସହର ନେହେରୁ ନଗରର ଓଏମ୍‌ପି ପ୍ରଥମ ଗଳିରେ ରହୁଥିବା ଶିକ୍ଷକ ବି.ରାଜେଶଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଆଲମିରାରେ ଥିବା ୮ ତୋଲା ସୁନା ଓ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଗତ ୧୪ ତାରିଖରେ ରାଜେଶଙ୍କ ପରିବାର ଲୋକେ ପୋଙ୍ଗଲ ପାଳିବା ପାଇଁ ଗୁଣପୁର ଯାଇଥିଲେ । ଗୁରୁବାର ଗୁଣପୁରରୁ ଫେରି ଦେଖିଲା ବେଳକୁ ଘରର କବାଟ ତଡ଼ାଯାଇଥିବା ବେଳେ ଆଲମିରା ଭାଙ୍ଗି ସୁନା ଓ ଅଳଙ୍କାର ଲୁଟ୍ ହୋଇଛି ।

## ସିଏଏ ନେଇ ଭାଜପାର ସଚେତନତା ସଭା



ସିଏଏ ନେଇ ସଚେତନତା କାର୍ଯ୍ୟକ୍ରମ ଚାଲିଛି ।

**ଗୁଣପୁର,୧୬।୧(ଡି.ଏନ.ଏ)**

ସିଏଏ ତଥା ନାଗରିକତ୍ୱ ସଂଶୋଧନ ଅଧିନିୟମକୁ ନେଇ ଭାଜପା ଏବେ ଗ୍ରାମାଞ୍ଚଳ ମୁହାଁ ହୋଇଛି । ବିରୋଧୀ ଦଳ ଏହି ଆଇନକୁ ବିରୋଧ କରୁଥିବାବେଳେ ଭାଜପା ଏହାର ସପକ୍ଷରେ ଗ୍ରାମାଞ୍ଚଳରେ ପହଁଞ୍ଚି ଜନ ସଚେତନତା ଆରମ୍ଭ କରିଛି। ଏହିକ୍ରମରେ ରାୟଗଡା ଜିଲା ଗୁଣପୁର ଗ୍ରାମୀଣ ମଣ୍ଡଳ ଭାଜପା ପକ୍ଷରୁ ଗୁରୁବାର ଜଗନ୍ନାଥପୁର ପଞ୍ଚାୟତର ପେଙ୍ଗୁଡାଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ ୱାଇ. ଗଣପତି, କାର୍ଯ୍ୟକ୍ରମ ପ୍ରଭାରୀ ପ୍ରେମ ପ୍ରସାଦ ପଣ୍ଡା, କର୍ମକର୍ତ୍ତା ଗୋପାଳକୃଷ୍ଣ ଦେଓ ପାତ୍ର, ତାରାପ୍ରସାଦ ଶତପଥୀ, ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢୀ, ଜିଲା ପ୍ରତିନିଧି ଜଗଦୀଶ ପଣ୍ଡା, ଫାଲ୍ଗୁନୀ ଶବର ଏବଂ ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ଯୋଗଦେଇ ନାଗରିକତ୍ୱ ସଂଶୋଧନ ଅଧିନିୟମ ସମ୍ପର୍କରେ ଲୋକ ତଥା ଦଳୀୟକର୍ମୀଙ୍କୁ ବୁଝାଇଥିଲେ । ଏହା ନାଗରିକ ଦେବା ଆଇନ ଏବଂ କାହାକୁ ନାଗରିକତ୍ୱରୁ ବାଦ ଦେବା ଆଇନ ନୁହେଁ ବୋଲି କହିଥିଲେ । ଏଣୁ ବିରୋଧୀଙ୍କ ଷଡଯନ୍ତ୍ରର ଶିକାର ନ ହେବାକୁ ଭାଜପାର ନେତା, କର୍ମୀ ସହ ଜନସାଧାରଣଙ୍କୁ ଆହ୍ୱାନ ପ୍ରଦାନ କରିଥିଲେ ।

## ଦୋଳପୂର୍ଣ୍ଣିମା ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

**ବିଷମକଟକ, ୧୬।୧(ଡ଼ି.ଏନ.ଏ)**

ଆସନ୍ତା ଦୋଳପୂର୍ଣ୍ଣିମା ଯାତ୍ରା ନିମନ୍ତେ ଗୁରୁବାର ବିଷମକଟକ ଦୋଳ ମଣ୍ଡପ ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜକ ଶିବରାମ ରଥ ଏବଂ ସପନ ରଥଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କରାଯାଇ ଶୁଭଖଣ୍ଟି ସ୍ଥାପନ କରାଯାଇଥିଲା । ଏହି ଅବସରରେ ପୂଜା କମିଟି ସଦସ୍ୟ କାହ୍ନୁ ସନ୍ତୋଷ ରାୟ,ରମାକାନ୍ତ ସେଠୀ,ସୁମନ ବେହେରା, ମହେଶ୍ୱର ଗୌଡ, ସୁଜିତ ଚଲାଣ,ରମେଶ ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମାର୍ଚ୍ଚ ୮ତାରିଖରୁ ପୂଜା ଆରମ୍ଭ ହେବ । ଏହା ୫ ଦିନ ଧରି ଚାଲିବ । ଚଳିତ ବର୍ଷ ଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯିବ। ଏଥିସହ ପୂଜା ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।



ଶୁଭଖୁଣ୍ଟି ସ୍ଥାପନ ବେଳେ ପୂଜା କମିଟି ସଦସ୍ୟମାନେ।

## ଜାତୀୟ ଭୋଟର ଦିବସ ନେଇ ଆଲୋଚନା

**ଗୁଣପୁର,୧୬।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ଆସନ୍ତା ୨୫ ତାରିଖରେ ଜାତୀୟ ଭୋଟର ଦିବସ ପାଳିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଯୋଗଦେଇ କିପରି ଏହି କାର୍ଯ୍ୟକ୍ରମକୁ ପାଳନ କରାଯିବ ସେନେଇ ସୂଚନା ଦେଇଥିଲେ । ଉକ୍ତ ଦିନ ଏକ ଶୋଭାଯାତ୍ରା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଟାଉନ ହଲଠାରେ ପହଁଞ୍ଚିବ । ସେଠାରେ ଏକ ସଭା ଆୟୋଜିତ ହେବ । ଜାତୀୟ ଭୋଟର ଦିବସର ସଂକଳ୍ପ ନିଆଯିବ । ବିଭିନ୍ନ କଲେଜ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନେ ଏହି ଶୋଭାଯାତ୍ରାରେ ସାମିଲ ହେବେ ।

## ନାଗରିକତ୍ୱ ସଂଶୋଧନ ଅଧିନିୟମ ସମ୍ପର୍କରେ ଆଲୋଚନା

**ଗୁଣପୁର,୧୬।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ନଗର ସମ୍ମିଳନୀ ସ୍ଥାନୀୟ ବଂଶଧାରା ଯୁକ୍ତ ଦୁଇ କଲେଜଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗଜପତି ବିଭାଗ ପ୍ରମୁଖ ଉମାଶଙ୍କର ଦାସ, ଜିଲା ପ୍ରମୁଖ ଶେଷସାୟୀ ସେନାପତି, ପୂର୍ବତନ ଜିଲା ପ୍ରମୁଖ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ପୂର୍ବତନ ନଗର ସଭାପତି ଡ.ପ୍ରଶାନ୍ତ ହୋତା ପ୍ରମୁଖ ଯୋଗ ଦେଇଥିଲେ । ଏବିଭିପିର ସଂଗଠନ ମନ୍ତ୍ରୀ ଦେବାଶିଷ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥ ପରିଷଦର ବିଚାରଧାରା, ସିଦ୍ଧାନ୍ତ ସହ ନାଗରିକତ୍ୱ ସଂଶୋଧନ ଅଧିନିୟମ ସମ୍ପର୍କରେ ଆଲୋଚନା କରାଯାଇ ସଚେତନ କରାଯାଇଥିଲା । ଏହି ଅବସରରେ ୨୦୨୦-୨୧ ବର୍ଷ ପାଇଁ ନଗର ଟିମର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଅଧ୍ୟାପକ ପ୍ରଫୁଲ ଲିମା ସଭାପତି, ଅଧ୍ୟାପକ ବିକାଶ ରଞ୍ଜନ ଭୂୟାଁ , ଗୌରହରି ଦାସ, ଅଧ୍ୟାପିକା ସସ୍ମିତା ବାଉରୀଙ୍କୁ ଉପସଭାପିତ ଭାବେ ମନୋନୀତ କରାଯାଇଥିଲା । ନଗର ସମ୍ପାଦକ ଭାବେ ସୁଭାଶିଷ ସେନାପତି, ସହସମ୍ପାଦକ ସୁଧୀର ଚୌଧୁରୀ, ବିରାଜିନି ଶବର, ବିଭୁତି ସେନାପତି, କାର୍ଯ୍ୟାଳୟ ପ୍ରମୁଖ ବିଶ୍ୱ ଦାସ, କୋଷାଧ୍ୟକ୍ଷ ଲକ୍ଷ୍ମୀ ମହାକୁଡ, ବିକାସାର୍ଥେ ବିଦ୍ୟାର୍ଥି ଜଗନ ପୃଷ୍ଟି, କେ.ଭୀମ ,ସେବା ଦଳ ନିମନ୍ତେ ଏଲ.ନିତିନ ଓ ଚନ୍ଦ୍ରଶେଖର ଉଲ୍ଲାକାଙ୍କ ନାମ ଘୋଷଣା କରାଯାଇଥିଲା । ଏଥିସହ ପାଠଚକ୍ର ପ୍ରମୁଖ, ଗଣମାଧ୍ୟମ ସଂଯୋଜକ, ସାମାଜିକ ଗଣ ମାଧ୍ୟମ ସଂଯୋଜକ, ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜକ, , ପ୍ରଦେଶ ଓ ନଗର କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ମଧ୍ୟ ଘୋଷଣା କରାଯାଇଥିଲା । ଶେଷରେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ଦ୍ୱାରା ବନ୍ଦେ ମାତାରଂ ଗାନ କରାଯାଇଥିଲା । ବି.ସତିଶକୁମାର, ଏସ. ଶିବାଜୀ, ବି.କିରନ, ଫାଲଗୁନି ଶବର ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ସହ ନିର୍ବାଚିତ କର୍ମକର୍ତ୍ତା ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଗୁଣପୁର,୧୬।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ସଂଯୋଜନା କରିଥିଲେ । ଏହା କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବିଡିଓ ଶାନ୍ତିପ୍ରଭା ପ୍ରଧାନ ଏବଂ ତହସିଲଦାର ନମ୍ରତା ମୋଦି ଉପସ୍ଥିତ ଥିଲେ । ଆସନ୍ତା ୨୬ ତାରିଖ ଭୋର ସାଢେ ୪ଟା ସମୟରେ ପ୍ରଭାତ ଫେରି, ସକାଳ ସାଢେ ୭ଟାରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯିବ । ଶେଷରେ ସାଢେ ୮ଟା ସମୟରେ ମିନିଷ୍ଟାଡିୟମଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବାସହ ପତାକା ଉତ୍ତୋଳନ କରାଯିବ । ଏଥିରେ ଗୁଣପୁର ଉପଜିଲାପାଳ ମୁଖ୍ୟଅତିଥି ଭାବେ ଯୋଗ ଦେବେ । ଏଠାରେ ହେବାକୁ ଥିବା ପରେଡରେ ୧୬ଟି ଦଳ ଭାଗ ନେବେ । ଏଥିଲାଗି ବିଭିନ୍ନ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ସହକାରୀ ଜିଲାପାଳ ରୀନା ପ୍ରଧାନ, ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ, ରେଞ୍ଜର ରଞ୍ଜନ କୁମାର ମହାନ୍ତିଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗର ଅଧିକାରୀ, ସ୍କୁଲର ପ୍ରଧାନ ଶିକ୍ଷକ ବୈଠକରେ ଯୋଗ ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

## ସଂକ୍ଷେପରେ

### ବିଧାୟକଙ୍କ ଜନସମ୍ପର୍କ ଶିବିର



**ଉମରକୋଟ, ୧୬।୧(ଡି.ଏନ.ଏ)-** ଉମରକୋଟ ବ୍ଲକ ବେନରା ଓ ବଡକୁମାରୀ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଗସ୍ତକରି ଜନସମ୍ପର୍କ ଶିବିର କରିଥିଲେ। ଲୋକମାନଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଯୋଜନାଗୁଡିକର ଲାଭ ଉଠାଇବକୁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ବ୍ଲକ ସଭାପତି ଅଜିତ ପ୍ରଧାନ, ବିଧାୟକ ପ୍ରତିନିଧି ସଞ୍ଜୟ ଗୁପ୍ତା, ବାପି ସିଂହ, ସରପଞ୍ଚ ନିରଞ୍ଜନ ପୂଜାରୀ, ତିଲୋତ୍ତମା ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

### ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବୈଠକ



**ଡାବୁଗାଁ,୧୬।୧(ଡି.ଏନ.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧକ୍ଷ ବଂଶୀଧର ମାଝୀଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କିପରି ସାଧାରଣତନ୍ତ୍ର ଦିବସ ପାଳନ କରାଯିବ, ବିଭିନ୍ନ କମିଟି ଗଠନ, ଅତିଥି ଚୟନ, ଜାନୁଆରୀ ୨୨ ତାରିଖ ଦିନ ବ୍ଲକ ସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ବିଡିଓ ରଞ୍ଜିତା ମେରୀ ନାୟକ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ଏମ୍.ଆପ୍ପା ରାଓ, ସୁରେନ୍ଦ୍ର କୁମାର ମିଶ୍ର, ଶିକ୍ଷୟିତ୍ରୀ ଅନିତା ବେହେରା, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱେଶ କୁମାର ତ୍ରିପାଠୀ, ଜିତେନ୍ଦ୍ର ମାଝୀ, ଉମେଶ ପାତ୍ର, ବିଶ୍ୱନାଥ ରାୟ, ଆର. ପ୍ରକାଶ ରାଓ, ଭରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଅମୂଲ୍ୟ ଦଳାଇ ବୈଠକକୁ ପରିଚାଳନା କରିଥିଲେ ।

### ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ



**କୋଡିଙ୍ଗା,୧୬।୧(ଡି.ଏନ.ଏ)-** କୋଡିଙ୍ଗା ପୋଲିସ ପକ୍ଷରୁ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କୋଡିଙ୍ଗା ଥାନା ଅଧିକାରୀ ଦେବଦତ୍ତ ମଲ୍ଲୀକଙ୍କ ନେତୃତ୍ୱରେ କୋଡିଙ୍ଗା ଥାନାର ସମସ୍ତ କର୍ମଚାରୀ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। ହେଲମେଟ ପିନ୍ଧିଥିବା ଓ ସିଲ୍ଟବେଲ୍ଟ ବାନ୍ଧିଥିବା ଡ୍ରାଇଭରମାନଙ୍କୁ ଗୋଲାପ ଓ ଚାକୋଲେଟ ଦେଇ ଥିଲେ। ହେଲମେଟ ଏବଂ ସିଲ୍ଟ ବେଲ୍ଟ ବାନ୍ଧିନ ଥିବା ଲୋକମାନଙ୍କୁ ସଚେତନ କରିଥିଲେ। ରାଜ ଚାଉଁରିଆ ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷା ଅମିତା ରାୟଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରମାନେ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ ଏବଂ ଏନଏସଏସ ଛାତ୍ରୀଛାତ୍ରମାନେ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଓ ଲୋକଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ।

# ମଣ୍ଡିରେ ଧାନ କ୍ରୟ ଟାର୍ଗେଟ ବୃଦ୍ଧି ଦାବି

**ଡାବୁଗାଁ, ୧୬।୧(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ମଣ୍ଡିରେ ଧାନ କ୍ରୟ ଟାର୍ଗେଟ ବୃଦ୍ଧି ପାଇଁ ଡାବୁଗାଁ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଚାଷୀମାନେ ଗୁରୁବାର ଦାବି ପତ୍ର ପ୍ରଦାନ କରିଛନ୍ତି । ତହସିଲଦାରଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଦିଲ୍ଲୀପ କୁମାର ମହାଙ୍କୁଡଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜୁନାପାଣି ଧାନମଣ୍ଡି ଅଧୀନରେ ଜୁନାପାଣି, ବଡଓଲମା, ଜବାଗୁଡା, ବୋରିଗାଁ, ଘୋଡାଖୁଣ୍ଟା, ନନ୍ଦପୁରା ଓ କୋଇଲାରୀ ପଞ୍ଚାୟତର ଚାଷୀମାନଙ୍କ ପାଇଁ ସପ୍ତାହକୁ ଗୋଟିଏ ଦିନରେ ୨ ହଜାର କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟାର୍ଗେଟ ରହିଛି। ଅନ୍ୟ ପଟେ ଡାବୁଗାଁ ଧାନମଣ୍ଡିରେ ୫ଟି ପଞ୍ଚାୟତର ଚାଷୀଙ୍କ ପାଇଁ ୨ଦିନରେ ୮ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ରହିଛି। ଧାନମଣ୍ଡି ଖୋଲିବା ଦିନଠାରୁ ଏ ପର୍ଯ୍ୟନ୍ତ ଜୁନାପାଣି ଧାନମଣ୍ଡିରେ ମୋଟ ୧୨ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ଏହି ଜୁନାପାଣି ଧାନମଣ୍ଡି ଅଧୀନରେ ୭ ଟି ପଞ୍ଚାୟତର ଚାଷୀଙ୍କ ଧାନ ବିକ୍ରି ନହୋଇ ପଡି ରହିଛି । ତେଣୁ ଜୁନାପାଣି ଧାନମଣ୍ଡିରେ ୨ ହଜାର ଟାର୍ଗେଟ ବଦଳରେ ୫ ହଜାର କୁଇଣ୍ଟାଲକୁ ବୃଦ୍ଧି କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ନିରଞ୍ଜନ ବିଶୋୟୀ, ରାଜେନ୍ଦ୍ର ବିଶୋୟୀ, ତିରୁପତି ବିଶୋୟୀ, ଅର୍ଜୁନ ବିଶୋୟୀ, ନରହରି ବିଶୋୟୀ, ଧର୍ମଦେବ ଭତ୍ରା, ହରଶୁ ଜାନୀ, ଖଗୁ ଜାନୀ, ଟମନ ବିଶୋୟୀ, ସାଲିମଧର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।



ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ସାଧାରଣତନ୍ତ୍ର ନିମନ୍ତେ ପ୍ରସ୍ତୁତି ବୈଠକ

**ଉମରକୋଟ, ୧୬।୧(ଡି.ଏନ.ଏ)**

ସ୍ଥାନୀୟ ଡିଏନକେ ରାଜସ୍ୱ-ବଙ୍ଗଳାଠାରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ତହସିଲଦାର ତଥା ଉମରକୋଟ ଭାରପ୍ରାପ୍ତ ତହସିଲଦାର ସୁବାସ ସିଂ ବୈଠକରେ ସଭାପତିତ୍ୱ କରିଥିଲେ। ଡାକ୍ତର ସୁମନ୍ତ ରାଉଳ, ବିଡିଓ ଦେବୀ ପ୍ରସାଦ ଟାଲି ଉପସ୍ଥିତ ଥିଲେ। ପୌରପାଳିକାରେ ଥିବା ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟାପକମାନେ ଯୋଗ ଦେଇଥିଲେ। ଏହି ଦିବସ ଉପଲକ୍ଷେ ଦେଶାତ୍ମକ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମିଳିତ ପରେଡରେ ସମ୍ମାନିତ କରାଯିବ। ଏହି ମିଳିତ ପରେଡରେ ବିଭିନ୍ନ ବିଦ୍ୟାଳୟର ୧୮ଟି ଗ୍ରୁପ ଯୋଗଦେବା ନିମନ୍ତ ସ୍ଥିର କରାଯାଇଥିଲା। ସରକାରୀ ଏକାଦଶ ଓ ଓକିଲ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ କରିବା ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା । ଏହି ବୈଠକରେ ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ମହାନ୍ତି, ରାମ ନାୟକ, ଉମରକୋଟ ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ଓକିଲ ତପନ ଦେବନାଥ, ମନୋହର ମହାନ୍ତି, କେଟି ଜିଲାନି ଏବଂ ସାମାଜିକ କର୍ମୀ ରମେଶ ସାହୁ, କାଲୁ ପଣ୍ଡା, ଝୁଲ ସାହୁ, ଦୁର୍ଗା ମଲ୍ଲିକ , ମ୍ୟୁନିସିପାଲିଟିର କନିଷ୍ଠ ଯନ୍ତ୍ରୀ ଏବଂ ରେଞ୍ଜର, ଜେଲ ସୁପରିଣ୍ଟେଣ୍ଡେଣ୍ଟ, ଯନ୍ତ୍ରୀ ଏବଂ ସମସ୍ତ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇ ମତାମତ ଦେଇଥିଲେ।

# ଗୋଲାପ ଫୁଲ, ଚକୋଲେଟ୍ ଦେଇ ସଚେତନତା

**ସଡକ ସୁରକ୍ଷା ସପ୍ତାହ**

**ଚନ୍ଦାହାଣ୍ଡି,୧୬।୧(ଡି.ଏନ.ଏ)**

ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପୋଲିସ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଆଇଆଇସି ଅଭୟ କୁମାର ବେହେରାଙ୍କ ନେତୃତ୍ୱରେ ବିଦ୍ୟାଳୟ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଚନ୍ଦାହାଣ୍ଡି ସହର ପରିକ୍ରମା କରିଥିଲେ। ଗାଡି ଚାଳାଇବା ସିଟ ବେଲ୍ଟ ବାନ୍ଧିବା ଓ ହେଲମେଟ ପିନ୍ଧିବା ସହ ଗାଡିର ସମସ୍ତ କାଗଜପତ୍ର ଠିକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଟ୍ରାଫିକ ନିୟମ ମାନି ଗାଡି ଚଳାଇବା ସହ ଦ୍ରୁତ ଗତିରେ ଗାଡି ନ ଚଳାଇବା ପାଇଁ ଜନସାଧାରଣଙ୍କୁ ଆଇଆଇସି ବେହେରା ପରାମର୍ଶ ଦେଇଥିଲେ। ହେଲମେଟ ପିନ୍ଧିଥିବା ଏବଂ ସିଲ୍ଟ ବେଲଟ ବାନ୍ଧିଥିବା ଗାଡି ଚାଳକଙ୍କୁ ପୋଲିସ ପକ୍ଷରୁ ଗୋଲାପ ଫୁଲ ଏବଂ ଚାକୋଲେଟ ଦେଇଥିଲେ। କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସୁବାସ ବେହେରା, ଏଏସଆଇ ତରଣୀ ସେନ ନାୟକ, ଲଳିତ କୁମାର ପଣ୍ଡା, ଆର.ଏନ. ଭକ୍ତ ପ୍ରମୁଖଙ୍କ ସହ ପୋଲିସ କର୍ମଚାରୀ , ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।



ଗୋଲାପ ଫୁଲ ଦେଇ ବାଇକ୍ ଚାଳକଙ୍କୁ ସଚେତନ କରାଯାଉଛି।

### ଆମ ପୋଲିସ ସମିତି କାର୍ଯ୍ୟକ୍ରମ



**କୋଷାଗୁମୁଡ଼ା,୧୬।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବସ୍ଷ୍ଟାଣ୍ଡ ପରିସରରେ ଗୁରୁବାର ପୋଲିସ ପକ୍ଷରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସୁସମ୍ପର୍କ ରଖିବା ହେଉଛି ଏହାର ଲକ୍ଷ୍ୟ ବୋଲି ପୋଲିସ ସୂଚନା ଦେଇଥିଲା। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ପୋଲିସ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ରାସ୍ତାଘାଟରେ ଦୁର୍ଘଟଣା ହେଲେ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ଆଣି ଚିକିତ୍ସା କରାଇଲେ ସେମାନଙ୍କ ନାମ ଗୋପନ ରଖାଯିବ , ସେମାନଙ୍କୁ ପୋଲିସ କୌଣସି ଅସୁବିଧା କରିବ ନାହିଁ। ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଥିଲା । ବାଇକ ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟକୁ ଯିବା ସମୟରେ ବାଇକ୍ ନ ଦେବାବୁ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବଣିକ ସଂଘର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ, ବୁଦ୍ଧିଜୀବୀ, ମୋଟରସଂଘ, ଥାନା ଭାରପ୍ରାପ୍ତ ଅଧିକାରୀ ନଟବର ନନ୍ଦ, ଏସ୍ଆଇ ବଳରାମ ବେହେରା, ଏଏସ୍ଆଇ ବସନ୍ତ ସ୍ୱାଇଁ, ତ୍ରିନାଥ ନାୟକ, ସୁଶାନ୍ତ ପଣ୍ଡା ଏବଂ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ । ପ୍ରତ୍ୟେହ ଦିନ ସଡ଼କ ସୁରକ୍ଷା ଅଭିଯାନରେ ହେଲମେଟ ଏବଂ ସିଟ୍ବେଲ୍ଟ ଲଗାଇଥିବା ବ୍ୟକ୍ତିଙ୍କୁ ଚକୋଲେଟ୍ ଓ ଗୋଲାପ ଫୁଲ ଦିଆଯାଉଛି।

# ରଣ ସଂକ୍ରାନ୍ତୀୟ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ରାଇଘର,୧୬।୧ (ଡି.ଏନ.ଏ )**

ନବରଙ୍ଗପୁର ଜିଲା ରାଇଘର ବ୍ଲକର ତପନ କଲ୍ୟାଣ ମଣ୍ଡପ ଠାରେ ଓଡିଶା ରାଜ୍ୟ ସମବାୟ ସଂଘ ଆନୁକୁଲ୍ୟରେ କୋରାପୁଟ ସମବାୟ ପରିଚାଳନା କେନ୍ଦ୍ରର ଆୟୋଜନ ଓ ରାଇଘର ଲ୍ୟାମ୍ପସ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମଦେୟ ଗୋଷ୍ଠୀ ନିମନ୍ତେ ରଣ ସଂଯୋଗୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଇଘର ବ୍ଲକର ୨୦ ର ଊର୍ଦ୍ଧ୍ୱ ଏସଏଚଜି ଓ ଜେଏଲଜି ସଦସ୍ୟ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଡିଓ ଯୁଧିଷ୍ଠିର ନାୟକ ଉଦଘାଟନ କରିଥିବା ବେଳେ ଉମରକୋଟ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଜଗବନ୍ଧୁ ବିଷୋୟୀ,ପ୍ରିନ୍ସିପାଲ ସଞ୍ଜୟ କୁମାର ପାତ୍ର,ଲ୍ୟାମ୍ପର ସଭାପତି ରାଇସିଂ ଗଣ୍ଡ, ଜିଲା ପରିଷଦ ସଭ୍ୟ ସୁଦର୍ଶନ ମାଝୀ, ମିଶନ ଶକ୍ତି ସୁପର ଭାଇଜର ଅଜୟ କୁମାର ସାହୁ, କୃଷି ଅଧିକାରି ତୈଲୋକ୍ୟ ବେଉରା, ଶିଶୁ ବିକାଶ ବିଭାଗର ଗୀତାଞ୍ଜଳି ମିଶ୍ର, ରାଇଘର ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ନିରାକାର ରାଉତ ଯୋଗ ଦେଇଥିଲେ । ସମବାୟ ସଂସ୍ଥାର କାର୍ଯ୍ୟକ୍ରମ, ଫସଲ ବୀମା, ରଣ ଦେଣ ନେଣ ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ଶିଶୁ ବିକାଶ, ଗୋ ସୁରକ୍ଷା ଓ ସବସିଡର ସମସ୍ତ ସୁବିଧା କିପରି ଭାବେ ସମସ୍ତେ ପାଇ ପାରିବେ ତାହା ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଇଘର ଲ୍ୟାମ୍ପସର ଶ୍ରୀପତି ମଣ୍ଡଳ, ଦୁର୍ଯ୍ୟୋଧନ କନ୍ଧଗୌଡ, ସହଦେବ ନାୟକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଫକୀରମୋହନ ପଠନଶାଳାର ସାରସ୍ୱତ ସମାରୋହ

**ଉମରକୋଟ, ୧୬।୧(ଡି.ଏନ.ଏ)**

ସ୍ଥାନୀୟ ସରକାରୀ ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ବ୍ୟାସକବି ଫକୀରମୋହନ ପଠନଶାଳାର ସ୍ୱନକ୍ଷତ୍ର ଓ ସାରସ୍ୱତ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ କବିତା ପାଠୋତ୍ସବ ସହ ଆଲୋଚନାଚକ୍ର, ମକରମିଳନ, ପୁସ୍ତକ ଉନ୍ମୋଚନ, ସ୍ମୃତି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କବିତା ପାଠୋତ୍ସବ କାର୍ଯ୍ୟକ୍ରମ ସ୍ଥାନୀୟ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଦୀପ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ କବି ବଲ୍ଲଭ ରାଉତ ଯୋଗ ଦେଇଥିଲେ । ଏବିଇଓ ରମେଶ ଟାକ୍ରି, ଶିକ୍ଷକ ପ୍ରଭାତୀ ଦେବ ନାଥ, ଶିକ୍ଷକ ବିବେକାନନ୍ଦ ପଟ୍ଟନାୟକ, ଅଧାପକ ପରିକ୍ଷିତ ସାହୁ, ଅଧାପିକା ଭାଗ୍ୟଲତା ପାଣିଗ୍ରାହୀ କବିତାଗୁଡିକର ସଂଯୋଜନା କରିଥିଲେ। ଉମରକୋଟ ତହସିଲଦାର ଧର୍ମରାଜ ମାଝିଙ୍କ ଅଧକ୍ଷତାରେ ସାହିତ୍ୟର ଓଡିଆ ଭାଷାର ଅଭିବୃଦ୍ଧି ନିମନ୍ତେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସାମ୍ପ୍ରତିକ ସମାଜରେ ଫକୀରମୋହନଙ୍କ ସାହିତ୍ୟର ଭୂମିକା ସମ୍ପର୍କରେ ଲେଖକ ସୁବାସ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ ପ୍ରେମାନନ୍ଦ ଦାସ, କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟର ଅଧାପିକା ଡଃ ରୁଦ୍ରାଣୀ ମହାନ୍ତି, ଡାକ୍ତର ସୁରେନ୍ଦ୍ର ନାଥ ଦାସ, ରମଶେ ଚନ୍ଦ୍ର ଭୁକ୍ତା, ଡଃ ପ୍ରଦୀପ ମିଶ୍ର ଆଲୋକପାତ କରିଥିଲେ। ଗୁରୁବାବୁ ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅନୁଷ୍ଠାନର ସମ୍ପାଦକ ତଥା ସରକାରୀ ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ସାରସ୍ୱତ -୨୦୨୦, କବି ହୃଷିକେଶ ତ୍ରିପାଠୀଙ୍କ ରଚିତ ବ୍ୟଙ୍ଗାତ୍ମକ ଗଳ୍ପ ସଂକଳନ 'ମଶା ସମ୍ମିଳନୀ' ଲେଖକ ଫକୀର ଚରଣ ପାଢିଙ୍କ ରଚିତ ଦୁଇଟି ପୁସ୍ତକ ଭତରା ଆଦିବାସୀଙ୍କ କଳାସଂସ୍କୃତି ଓ ନବରଙ୍ଗପୁର ଜିଲାର ଦେଶିଆ ନାଟଗୁଡିକ ଉନ୍ମୋଚିତ ହୋଇଥିଲା। ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବମ ଶ୍ରେଣୀର ସୋହମ ରାଜଗୁରୁ ଓ ପ୍ରତୀକ୍ଷା ମହାନ୍ତିଙ୍କୁ ସୁରେନ୍ଦ୍ର ଚନ୍ଦ୍ର ପରିଡା ଓ ପୁଷ୍ପାଞ୍ଜଳି ପରିଡା ସ୍ମୃତି ସମ୍ମାନ ଦିଆଯାଇଥିଲା । ଏସଡିପିଓ ହେମନ୍ତ କୁମାର ପାଢି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ଯୋଗ ଦେଇଥିଲେ। ଓକିଲ ଶ୍ରୀନିବାସ ପଟ୍ଟନାୟକ ଓ ଡଃ ପ୍ରଦୀପ କୁମାର ମିଶ୍ର ଏହି ସଭା କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ । ସ୍ଥାନୀୟ ଗୁରୁକୃପା ମହାବିଦ୍ୟାଳୟ, ଗୋଷ୍ଠୀ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର, ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡିକ ପରିବେଷଣ କରାଯାଇଥିଲା ।



ଅତିଥିମାନେ ମାନପତ୍ର ପ୍ରଦାନ କରୁଛନ୍ତି।

# ଦୁର୍ଘଟଣାରେ ଗୃହରକ୍ଷୀ ଗୁରୁତର

**ଝରିଗାଁ,୧୬।୧(ସ୍ୱ.ପ୍ର)-** ନବରଙ୍ଗପୁର ଜିଲା ଝରିଗାଁ -ଚନ୍ଦାହାଣ୍ଡି ରାସ୍ତାର ବାଲାଜିସାହି ଛକ ନିକଟରେ ଗୁରୁବାର ଅପରାହ୍ନରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇ ଜୟସିଂ ମାଝୀ(୩୫) ଗୁରୁତର ହୋଇଛନ୍ତି। ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳେ ପହଞ୍ଚି ଗୁରତରଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜୟସିଂ ଚନ୍ଦାହାଣ୍ଡି ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ସେ ଝରିଗାଁରୁ ଚନ୍ଦାହାଣ୍ଡି ଜମାଦାରପଡା ଗ୍ରାମକୁ ବାଇକରେ (ଓଡି ୦୮ ସି ୬୦୧୯ )ଫେରିବା ସମୟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ଜୟସିଂଙ୍କ ବାମ ଗୋଡ ଭାଙ୍ଗି ଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ଭବାନିପାଟଣା ନେଇଥିବା ପୋଲିସ ଏସ୍ଆଇ ସନ୍ତୋଷ କୁମାର ମାଝୀ କହିଛନ୍ତି।

# ଆଧ୍ୟାତ୍ମିକ ଚେତନା ପାଇଁ ସତ୍‌ସଙ୍ଗ ଆବଶ୍ୟକ

**ନବରଙ୍ଗପୁର,୧୬।୧(ବି.ପ୍ର.)**

ନବରଙ୍ଗପୁର ବ୍ଲକ ତାରାଗାଁ ସ୍ଥିତ ରଶ୍ମି ରଂଜନ ସିଦ୍ଧାଶ୍ରମ ପକ୍ଷରୁ କୋଷାଗୁମୁଡା ବ୍ଲକ କୋଡିଙ୍ଗା ଦୁର୍ଗା ମଣ୍ଡପ ଠାରେ ମକର ସଂକ୍ରାନ୍ତି ଉତ୍ସବ ବୁଧବାର ପାଳିତ ହୋଇ ଯାଇଛି । ନଗର ସଂକୀର୍ତ୍ତନ, କଳସ ଯାତ୍ରା ଓ ପରେ ରଶ୍ମି ରଂଜନ ପଦ୍ଧତି, ଭଗବତ ଗୀତା ପାଠ ଓ ସତସଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା । ସିଦ୍ଧାଶ୍ରମର ଅଧକ୍ଷ ରଶ୍ମି ପ୍ରସାଦ ଡଃ. ନୀଳକଣ୍ଠ ପାଢୀ ଅଧକ୍ଷତା କରିଥିଲେ । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଅତିଥି ଭାବେ ଯୋଗ ଦେଇ ଗାଁ ମାନଙ୍କରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ପାଇଁ ଏହିଭଳି ସତସଙ୍ଗର ଆବଶ୍ୟକତା ରହିଛି ବୋଲି କହିଥିଲେ । ତାରାଗାଁର ପଞ୍ଚାୟତ ଓ କୋଡିଙ୍ଗାର ସକୀର୍ତ୍ତନ ମଣ୍ଡଳୀ ଏବଂ ବିଭିନ୍ନ ଗାଁରୁ ଆଗତ ସଜ୍ଜନ ଓ ଶ୍ରଦ୍ଧାଳୁଙ୍କ ଗହଣରେ ମକର ସଂକ୍ରାନ୍ତି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିନୋଦ ମେହେତା, ଲକ୍ଷ୍ମୀ ପଟ୍ଟନାୟକ, କମଳ କୁମାର, ତ୍ରିପତି ପଟ୍ଟନାୟକ, ନିରଂଜନ ଧଳ, ଇନ୍ଦିରା ରାଓ ପଟ୍ଟନାୟକ, ମମତା କୁମାରୀ, ସତ୍ୟନାରାୟଣ ଦାଶ, ସୁବାଷ ଚନ୍ଦ୍ର ଦେଓ, ଗୌତମ ବିଷୋୟୀ, ଫକିର ମୋହନ ବିଷୋୟୀ ଯୋଗେନ୍ଦ୍ର ନାୟକ, ପାର୍ବତୀ ମେହତା, ସୂର୍ଯ୍ୟନାରାୟଣ ପାତ୍ର, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ଲଛନା ଭତ୍ରା, କେ. ରାମମୂର୍ତ୍ତି ପାତ୍ର, ଗୁପ୍ତେଶ୍ୱର ପଟ୍ଟନାୟକ, ଓ ଆୟୁସ୍ମାନ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ ।




ଉତ୍ସବରେ ବିଧାୟକ ମନୋହର ରନ୍ଧାରୀ ଓ ଅନ୍ୟମାନେ ।

# ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ

**ଡାବୁଗାଁ, ୧୬।୧ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଠାରେ ଡାବୁଗାଁ ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡାବୁଗାଁ ଓଡିଶା ଆଦର୍ଶ ଆଦର୍ଶ ବିଦ୍ୟାଳୟ ଓ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ଯୋଗଦେଇ ଥାନା ପାଖରୁ ଏକ ଶୋଭାଯାତ୍ରାରେ ବାହାରି ଡାବୁଗାଁ ସହର ପରିକ୍ରମା କରିଥିଲେ। ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ସଡକ ସୁରକ୍ଷା ଜୀବନ ରକ୍ଷା, ହେଲମେଟ ପିନ୍ଧନ୍ତୁ ଜୀବନ ବଞ୍ଚାନ୍ତୁ, ଟ୍ରାଫିକ ନିୟମ ମାନନ୍ତୁ, ମଦ ପିଇ ଗାଡି ଚଲାନ୍ତୁ ନାହିଁ,ସିଟ ବେଲ୍ଟ ପିନ୍ଧି ଗାଡି ଚଲାନ୍ତୁ ଆଦି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ । ଏହି ଶୋଭାଯାତ୍ରାରେ ଥାନା ସବଇନ୍ସପେକ୍ଟର ଅଞ୍ଜନ କୁମାର ଜାଲ ଓ ଫକୀର ମୋହନ ଖୁରା, ଏଏସଆଇ ସଲମନ ଭୂୟାଁ, ଜଗଦୀଶ ଚନ୍ଦ୍ର ପାଣିଗ୍ରାହୀ ଓ ପୀତାମ୍ବର ଭତ୍ରା ଏବଂ ସମସ୍ତ ପୋଲିସ କର୍ମଚାରୀ ମାନେ ସାମିଲ ଥିଲେ ।



ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ଯାଉଛନ୍ତି।

# ରାସ୍ତା ନିର୍ମାଣର ୧୫ ଦିନ ହୋଇନି, ଉଠିଗଲାଣି ପିଚୁ

**କୋଡିଙ୍ଗା,୧୬।୧(ଡି.ଏନ.ଏ)**

ଦୀର୍ଘ ଦିନ ଧରି ଦାବି ପରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ହେଲା। ମନ୍ଥର ଗତିରେ କାମ କରାଯାଇ ବହୁ ବିଳମ୍ବରେ ରାସ୍ତା ନିର୍ମାଣ ଶେଷ ହେଲା। କିନ୍ତୁ ରାସ୍ତା ନିର୍ମାଣକୁ ୧୫ ଦିନ ହୋଇନି ପିଚୁ ଉଠିଗଲାଣି। ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଜବାଗୁଡା ଠାରୁ କୋଷାଗୁମୁଡା ୧୦ କି.ମି ରାସ୍ତା ଏଭଳି ନିମ୍ନମାନର ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଣ୍ଡୁଗୁଡା ଗ୍ରାମବାସୀଙ୍କ କହିବା ଅନୁଯାୟୀ ପିଚୁ କାମ ଚାଲିଥିବା ସମୟରେ ନିମ୍ନମାନର କାମ ହୋଇଥିବା ଠିକାଦାରଙ୍କୁ ଅଭିଯୋଗ କରିଥିଲୁ । ରାସ୍ତା ନିର୍ମାଣ ବେଳେ ଆରଡି ବିଭାଗ କନିଷ୍ଠ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀଙ୍କ ଦେଖା ମିଳି ନ ଥିଲା। ସ୍ଥାନୀୟ ସରପଞ୍ଚଙ୍କ କହିବା ଅନୁଯାୟୀ ଠିକାଦାରଙ୍କୁ ଅନେକ ଥର କହିବା ସତ୍ତ୍ୱେ ନିମ୍ନମାନର କାମ କରିଥିଲେ। ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ରାସ୍ତା କାମ ପରିଦର୍ଶନରେ ଯାଇଥିଲେ। ବିଧାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର କରାଯାଇଛି। ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସରକାରଙ୍କ ତରଫରୁ ଗ୍ରହଣ କରାଯିବ। ସେହିପରି ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଏ ସମ୍ପର୍କରେ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ। ରାସ୍ତା କାମ ନିମ୍ନମାନର ହୋଇଥିବାରୁ ଏହାକୁ ପୁନର୍ବାର ପିଚୁ କରାଯାଉ ବୋଲି ପଣ୍ଡୁଗୁଡା ଗାଁର ସନ୍ତୋଷ ସୌରା, କୃଷ୍ଣ ସୌରା, ସଭା ସିଂ ଗୌଡ, ଯଶୋଦା ଗୌଡ, ଶୁକଦେବ ଯାନି, ଭୂଦନ ଭତ୍ରା ଦାବି କରିଛନ୍ତି।



ରାସ୍ତାରୁ ପିଚୁ ଉଠିଯାଇଛି।

